

କାହାରିକୁ ଦୁଃଖ ଦିଅନାହିଁ। କାହାକୁ ଘୃଣା କର ନାହିଁ। କାୟ ମନୋବାକ୍ୟରେ ସମସ୍ତଙ୍କର ମଙ୍ଗଳ ବିଧାନ କର। ସର୍ବ ଜୀବଙ୍କୁ ସମ୍ମାନ ଦିଅ।
- ଶ୍ରୀ ଚୈତନ୍ୟ ଦେବ



# ସବୁ ଦଳର ମୁଖିଆଙ୍କ ଟାର୍ଗେଟ୍‌ରେ ଅବିଭକ୍ତ କୋରାପୁଟ

ଜୟପୁର,୩୦।୩(ନି.ପ୍ର.)

ଅବିଭକ୍ତ କୋରାପୁଟ ଜିଲାର ରାଜନୈତିକ ଶକ୍ତିକେନ୍ଦ୍ର କୁହାଯାଉଥିବା ଜୟପୁର ବିଧାନସଭା କ୍ଷେତ୍ର ଉପରେ ଏବେ ସମସ୍ତଙ୍କ ଦୃଷ୍ଟି କେନ୍ଦ୍ରୀଭୂତ ହେବାରେ ଲାଗିଛି। ଏକଦା ଏଠାକାର ୨ଟି ସଂସଦୀୟ କ୍ଷେତ୍ର ଓ ୧୪ଟି ବିଧାନସଭା କ୍ଷେତ୍ରରେ କଂଗ୍ରେସର ପତିଆରା ରହିଆସିଥିବା ବେଳେ ଗତ ଦୁଇଟି ନିର୍ବାଚନରେ ବିଜେଡି ନିଜ ଶକ୍ତି ବୃଦ୍ଧି କରିଛି। ସେହିପରି ଗତ ୨ଟି ନିର୍ବାଚନରେ ଭାଜପାର ଜଣେ ବି ପ୍ରାର୍ଥୀ ଜିତି ନ ଥିବା ବେଳେ ୨୦୧୭ ପଞ୍ଚାୟତ ନିର୍ବାଚନରେ କେତେକ ସ୍ଥାନରେ ଭଲ ଫଳ କରିଥିଲା ଦଳ। ତେଣୁ ଏହି ୩ ପ୍ରମୁଖ ରାଜନୈତିକ ଦଳ ବର୍ତ୍ତମାନ ୨୦୧୯ ନିର୍ବାଚନ ପାଇଁ ଅବିଭକ୍ତ କୋରାପୁଟ ଦଖଲ କରିବା ଲାଗି ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ନିର୍ବାଚନର ଗୋଟିଏ ମାସ ପୂର୍ବରୁ ଏଯାବତ୍ ସବୁଦଳର ମୁଖିଆ ଜୟପୁରରେ ସମାବେଶ କରି ଜନତାଙ୍କୁ ନିଜ ଆଡ଼କୁ ଟାଣିବାକୁ ଉଦ୍ୟମ କରିଛନ୍ତି। ଦେଢ଼ମାସ ତଳେ ତେଲେଙ୍ଗିରି ପ୍ରକଳ୍ପ ଉଦ୍‌ଘାଟନ ବେଳେ ମୁଖ୍ୟମନ୍ତ୍ରୀ ଜୟପୁରରେ ମିଶନ ଶକ୍ତିର ବିଶାଳ ମହିଳା ସମାବେଶକୁ ସମ୍ବୋଧିତ କରିଥିଲେ। ଏହାସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ ମଧ୍ୟ କରି ଏଠାକାର ମତଦାତାଙ୍କୁ ଜିଣିବା ପାଇଁ ନିର୍ବାଚନୀ ପ୍ରାକ୍ ଉଦ୍ୟମ କରିଥିଲେ। ଏହାର ପରେ ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଜୟପୁରରେ ପୃଥକ୍ ଭାବେ ମହିଳା ଓ ସାଧାରଣ ଜନ ସମାବେଶକୁ ସମ୍ବୋଧିତ କରି ଦଳକୁ କ୍ଷମତାକୁ ଆଣିବା ପାଇଁ ନିବେଦନ କରିଥିଲେ। ସେଥିପାଇଁ ଉପସ୍ଥିତ ଜନତାଙ୍କ ସାମ୍ନାରେ ବିଭିନ୍ନ ଲୋଭନୀୟ ପ୍ରତିଶ୍ରୁତି ରଖିଥିଲେ ରାହୁଲ। ଗତ ଶୁକ୍ରବାର ଜୟପୁର ଗସ୍ତକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅବିଭକ୍ତ କୋରାପୁଟର ଭାଜପା ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିବା ସହ ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି। ଓଡ଼ିଶାରେ ପରିବର୍ତ୍ତନ ଦରକାର। କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ ସରକାର ଆବଶ୍ୟକ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ କୋରାପୁଟର ବିଧାୟକ ରହିଥିବା କୃଷ୍ଣଚନ୍ଦ୍ର ସଗରିଆ ବିଏସ୍‌ପିରେ ଯୋଗଦେବା ପରେ ଆକସ୍ମିକ ଭାବେ ଜୟପୁର ବିଧାନସଭା କ୍ଷେତ୍ରରୁ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ପାଇଁ ବିଏସ୍‌ପି ମୁଖିଆ ମାୟାବତୀ ପ୍ରଚାର କରିବା ଲାଗି ଆସୁଥିବା ଜଣାପଡ଼ିଛି। ସେହିପରି ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀ ପୁଣିଥରେ କୋରାପୁଟ, ଲକ୍ଷ୍ମୀପୁର ଓ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀକୁ ପ୍ରଚାର ପାଇଁ ଆସିବାର କାର୍ଯ୍ୟକ୍ରମ ଥିବାବେଳେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ମଧ୍ୟ ଅବିଭକ୍ତ କୋରାପୁଟ ଜିଲାରେ ପ୍ରଚାର ଅଭିଯାନରେ ସାମିଲ ହେବେ।

# ରାଜନୈତିକ ଶକ୍ତିକେନ୍ଦ୍ରରେ ତ୍ରିମୁଖୀ ଲଢ଼େଇ

## ମଇଦାନରେ ୩ ଟାଣୁଆ ନେତା ରବି, ତାରା, କୃଷ୍ଣ

ପବନ ପାଣିଗ୍ରାହୀ
ଜୟପୁର,୩୦।୩


ରବି ନାରାୟଣ ନନ୍ଦ


ତାରା ପ୍ରସାଦ ବାହିନୀପତି


ଗୌତମ ସାମନ୍ତରାୟ


କୃଷ୍ଣଚନ୍ଦ୍ର ସଗରିଆ

ଦକ୍ଷିଣ ଓଡ଼ିଶାର ରାଜନୈତିକ ଶକ୍ତିକେନ୍ଦ୍ର ଥିବା ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏଥର ୩ ଜଣ ଟାଣୁଆ ନେତାଙ୍କ ସହ ଜଣେ ଯୁବନେତା ଲଢ଼େଇରେ ରହିଛନ୍ତି। ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଏହି ଆସନରେ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ ଲଢ଼େଇ ହେବ ବୋଲି ଚର୍ଚ୍ଚା ହେଉଥିବା ବେଳେ ବିଏସ୍‌ପିରୁ କୃଷ୍ଣଚନ୍ଦ୍ର ସଗରିଆ ପ୍ରାର୍ଥୀ ହେବା ପରେ ଜୟପୁର ସମୀକରଣ ଅଲଗା ହୋଇଛି। ବିଜେଡିର ରବିନାରାୟଣ ନନ୍ଦ, କଂଗ୍ରେସର ତାରାପ୍ରସାଦ ବାହିନୀପତି ଓ ବିଏସ୍‌ପିର କୃଷ୍ଣଚନ୍ଦ୍ର ସଗରିଆ ରାଜନୀତିରେ ବେଶ୍ ଅଭିଜ୍ଞ ଥିବାବେଳେ ସମସ୍ତେ ପୂର୍ବରୁ ବିଧାୟକ ରହିସାରିଛନ୍ତି। ଏହି ୩ ଟାଣୁଆ ନେତାଙ୍କ ବିପକ୍ଷରେ ପ୍ରାର୍ଥୀ ରହିଛନ୍ତି ଭାଜପାର ଗୌତମ ସାମନ୍ତରାୟ।

ଲଗାତାର ୩ ଥର ବିଧାୟକ ଭାବେ ବିଜୟୀ ହୋଇ ବିଭିନ୍ନ ମନ୍ତ୍ରୀପଦ ତୁଲାଇଥିବା ବିଜେଡିର ପ୍ରାର୍ଥୀ ରବି ନାରାୟଣ ନନ୍ଦ କହିଛନ୍ତି, ମୁଁ ଜୟପୁର ବାସୀଙ୍କ ସୁଖଦୁଃଖର ସାଥୀ। ୧୪ ବର୍ଷ ମନ୍ତ୍ରୀ ରହି ଅଞ୍ଚଳରେ ଯେଉଁ ବିକାଶ କାର୍ଯ୍ୟ କରିଛି, ତାହା ଦେଖି ଜୟପୁରବାସୀ ମୋତେ ଭୋଟ୍ ଦେବେ ବୋଲି ସେ ଆଶା ରଖିଛନ୍ତି। ତାଙ୍କ ଅମଳରେ ଅଡିଟୋରିୟମ, ୩ଟି ପୌର ଉଚ୍ଚ ବିଦ୍ୟାଳୟକୁ ସରକାରୀ ମାନ୍ୟତା, ବିଜୁ ପଟ୍ଟନାୟକ ଭେଣ୍ଡିଂ ଜୋନ, କାକ୍‌ଟସ୍ ପାର୍କ, ଜୟପୁରରେ ମାଧ୍ୟମିକ ଶିକ୍ଷା ପରିଷଦର ଆଞ୍ଚଳିକ କାର୍ଯ୍ୟାଳୟ କରାଇଥିବା ନନ୍ଦ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରଶାସନିକ ପରିବାରରୁ ଆସିଥିବା ନନ୍ଦ ଜୟପୁର ପୌରାଧ୍ୟକ୍ଷ ହେବା ସହ ୩ଥର ବିଧାୟକ ଓ ବିଭିନ୍ନ ବିଭାଗର ମନ୍ତ୍ରୀ ରହିଛନ୍ତି। ତେବେ ୨୦୧୪ ନିର୍ବାଚନରେ ୮ ହଜାର ଭୋଟ୍‌ରେ ହରାଇ ନନ୍ଦଙ୍କ ବିଜୟଧାରାରେ ଅଙ୍କୁଶ ଲଗାଇଥିଲେ କଂଗ୍ରେସର ତାରାପ୍ରସାଦ ବାହିନୀପତି।

ଚାଷୀ ପରିବାରରୁ ଆସିଥିବା ତାରାପ୍ରସାଦ ବାହିନୀପତି କନଷ୍ଟେବଳ ଚାକିରି କରିଥିବା ବେଳେ ହାବିଲଦାର, ସିପାହୀ ସଂଘର ସଭାପତି ଭାବେ ନେତୃତ୍ୱ ନେଇ ନିଜର ପରିଚୟ ସୃଷ୍ଟି କରିଥିଲେ। ୨ ଥର ବିଧାୟକ ହୋଇଥିବା ତାରାପ୍ରସାଦ ବାହିନୀପତି ଚଳିତଥର ପୁଣିଥରେ ଜୟପୁରରୁ ପ୍ରାର୍ଥୀ ହୋଇଛନ୍ତି। ୨୦୦୯ରେ କଂଗ୍ରେସରୁ ଟିକେଟ ନ ମିଳିବାରୁ ସେ ଭାଜପାର ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିଥିଲେ ମଧ୍ୟ ପରାସ୍ତ ହୋଇଥିଲେ। ୨୦୧୪ରେ ସେ ପୁଣି କଂଗ୍ରେସ ଟିକେଟରେ ଜୟପୁରରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଗତ ୫ ବର୍ଷରେ ଜୟପୁର ବିମାନ ଘାଟିର ବିକାଶ, ବିକ୍ରମଦେବ କଲେଜରେ ୧୦ରୁ ଅଧିକ ପିଜି ଓ ବିଇଡି ପାଠ୍ୟକ୍ରମ ଖୋଲିବା, ଉପଖଣ୍ଡ ଚିକିତ୍ସାଳୟକୁ ଜିଲା ଚିକିତ୍ସାଳୟ କରିବା, ମାତୃ ଓ ଶିଶୁ ଚିକିତ୍ସାଳୟ କରିବା, ସାଇନ୍ସ ପାର୍କକୁ ମଞ୍ଜୁରୀ, ୨ଟି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା, ସରକାରୀ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଇଥିବା ବାହିନୀପତି କହିଛନ୍ତି। ଏଥିପାଇଁ ଜୟପୁରବାସୀଙ୍କ ସମର୍ଥନ ପାଇବେ ବୋଲି ତାଙ୍କର ଆଶା ରହିଛି।

ଜୟପୁର ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ହେଉଛନ୍ତି ଗୌତମ ସାମନ୍ତରାୟ। ଦଳରେ ବହୁ ଆଶାୟୀ ପ୍ରାର୍ଥୀ ରହିଥିଲେ ମଧ୍ୟ ଦଳ ତାଙ୍କ ଉପରେ ଭରସା ରଖି ମଇଦାନକୁ ଓହ୍ଲାଇଛି। ଗୌତମ ଜଣେ ଆଇନଜୀବୀ ହୋଇଥିବା ବେଳେ ସେ ବିକ୍ରମଦେବ କଲେଜ ଛାତ୍ର ସଂସଦ ସଭାପତି ରହିଥିଲେ। ଛାତ୍ର ଜୀବନରୁ ଏଯାବତ୍ ୨୦ ବର୍ଷ ରାଜନୀତିରେ ସକ୍ରିୟ ଥିବାବେଳେ ୨୦୧୪ରେ ସେ ଜୟପୁରରୁ ଜନମୋର୍ଚ୍ଚାର ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିଲେ। ଏଥର ସେ ଜୟଯୁକ୍ତ ହେଲେ କେନ୍ଦ୍ର ସରକାରଙ୍କ ଯୋଜନା ନିର୍ବାଚନ ମଣ୍ଡଳୀର ଲୋକଙ୍କ ପାଖରେ ପହଞ୍ଚାଇବା ସହ ସର୍ବାଙ୍ଗିନ ଉନ୍ନତି କରିବା ପାଇଁ ପ୍ରତିଜ୍ଞାବଦ୍ଧ ବୋଲି କହିଛନ୍ତି।

ଅନ୍ୟପକ୍ଷରେ କିଛିମାସ ତଳେ କଂଗ୍ରେସରୁ ବାହାରି ବିଏସ୍‌ପିର ରାଜ୍ୟ ସଭାପତି ପଦ ସମ୍ଭାଳିଥିବା କୋରାପୁଟର ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ହଠାତ୍ ଜୟପୁରରୁ ପ୍ରାର୍ଥୀ ହୋଇ ସମସ୍ତଙ୍କୁ ଚକିତ କରିଛନ୍ତି। ଏକଦା ବିଏସ୍‌ପିରୁ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ସଗରିଆ ୨୦୦୯ରେ କୋରାପୁଟରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ବିଜେଡିର ରଘୁରାମ ପଡାଲଙ୍କଠାରୁ ହାରିଥିଲେ। କିନ୍ତୁ ୨୦୧୪ରେ ସେ ସେହି ଆସନରୁ ବିଧାୟକ ନିର୍ବାଚିତ ହୋଇଥିଲେ। ନାରୀ ସୁରକ୍ଷା, କୋରାପୁଟ ଜିଲାରେ ଶିକ୍ଷକ, ଡାକ୍ତର ନିଯୁକ୍ତି ଭଳି ମୌଳିକ ଆବଶ୍ୟକତାକୁ ପ୍ରସଙ୍ଗ କରିବେ ବୋଲି ସେ କହିଛନ୍ତି।

# ପ୍ରଚାରରେ ଗାଁ ବୁଲୁଛନ୍ତି କଂଗ୍ରେସ କର୍ମୀ



କୁନ୍ଦୁରା,୩୦।୩(ଡି.ଏନ୍.ଏ.)

ରାଜ୍ୟର ଅଧିକାଂଶ ଆସନରେ ବିଜେଡିର ପତିଆରା ଥିବାବେଳେ କୋଟପାଡ଼ ନିର୍ବାଚନ ମଣ୍ଡଳୀରେ କିନ୍ତୁ କଂଗ୍ରେସ ଗଡ଼ ରହିଆସିଛି। ଗତ ୪ଟି ନିର୍ବାଚନରେ ବିଜେଡି ଏଠାରେ ଜିତିବାରେ ସଫଳ ହୋଇ ନାହିଁ। ଚଳିତ ନିର୍ବାଚନରେ କଂଗ୍ରେସର ନବରଙ୍ଗପୁର ସଂସଦୀୟ କ୍ଷେତ୍ରର ପ୍ରାର୍ଥୀ ପ୍ରଦୀପ ମାଝି ଓ କୋଟପାଡ଼ ବିଧାନସଭା ଆସନର ପ୍ରାର୍ଥୀ ଚନ୍ଦ୍ରଶେଖର ମାଝିଙ୍କ ପାଇଁ ଶତାଧିକ କର୍ମୀ ଗାଁ ଗାଁ ବୁଲି ପ୍ରଚାର ଚଳାଇଛନ୍ତି। କୁନ୍ଦୁରା ବ୍ଲକରେ ପ୍ରଚାର କାର୍ଯ୍ୟକ୍ରମର ନେତୃତ୍ୱ ନେଇଛନ୍ତି ଦଳର ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ତ୍ରିପାଠୀ, ଶଙ୍କର ଭଟ୍ଟ, ଅମରନାଥ ଭଟ୍ଟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା, ଲକ୍ଷ୍ମୀକାନ୍ତ ପଟ୍ଟନାୟକ। କୋଟପାଡ଼ରେ କଂଗ୍ରେସର ଚନ୍ଦ୍ରଶେଖର ମାଝି, ବିଜେଡିର ପଦ୍ମିନୀ ଦିଆନ ଓ ଭାଜପାର ଖଗେଶ୍ୱର ପୂଜାରୀ ଏବଂ ନବରଙ୍ଗପୁର ଲୋକସଭା ପାଇଁ କଂଗ୍ରେସର ପ୍ରଦୀପ ମାଝି, ବିଜେଡିର ରମେଶ ମାଝି ଓ ଭାଜପାର ବଳଭଦ୍ର ମାଝିଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ସମ୍ଭାବନା ରହିଛି। ଏଥିପାଇଁ କଂଗ୍ରେସ ପ୍ରଚାର ଜୋରଦାର କରିଥିବା ବେଳେ କର୍ମୀମାନେ ୩/୪ଟି ଟିମ୍‌ରେ ଗାଁକୁ ଗାଁ ବୋଲି ଭୋଟ୍ ନିବେଦନ କରୁଛନ୍ତି।

■ ସରକାରୀ ଅଫିସ୍, ଛକରେ ବିଜେଡି ପୋଷ୍ଟର

# ଜିଲା ପ୍ରଶାସନ ଉପରେ ଅଙ୍ଗୁଳି ଉଠାଇଲେ ବିରୋଧୀ

କୋରାପୁଟ,୩୦।୩(ସ୍ୱ.ପ୍ର.)

ସାଧାରଣ ନିର୍ବାଚନ ପାଇଁ କୋରାପୁଟ ଜିଲାରେ ବିଭିନ୍ନ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ଜୋରଦାର ପ୍ରଚାର ଆରମ୍ଭ ହୋଇଗଲାଣି। ଶନିବାର କୋରାପୁଟ ସହରର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଜନଗହଳି ସ୍ଥାନରେ ଶାସକ ବିଜେଡିର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କିତ ପୋଷ୍ଟର ମରାଯାଇଛି। ଏନେଇ ବିରୋଧୀ କଂଗ୍ରେସ ଓ ଭାଜପା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଆଣିଛନ୍ତି। ପୋଷ୍ଟର ମରାଯିବ ନେଇ ଜିଲା ପ୍ରଶାସନର ଭୂମିକା ଉପରେ ଆଙ୍ଗୁଠି ଉଠାଇଛନ୍ତି ବିରୋଧୀ। ଶନିବାର ବିଜେଡିର ବହୁ ପୋଷ୍ଟର ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖ, ଟ୍ରାଫିକ ଛକ ସମେତ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ମରାଯାଇଛି । ଏପରିକି ଭାରତୀୟ ନିର୍ବାଚନ କମିଶନଙ୍କ ସଚେତନତା ପୋଷ୍ଟରକୁ କାଢ଼ି ଏହା ଉପରେ ବିଜେଡିର ଦଳୀୟ ପୋଷ୍ଟର ଲଗାଯାଇଛି । ଜିଲା ପ୍ରଶାସନ ଏହାକୁ ବନ୍ଦ କରିବା କିମ୍ବା ପୋଷ୍ଟର ଜବତ କରିବା ବଦଳରେ ନିରବଦ୍ରଷ୍ଟା ପାଲଟିଥିବା କଂଗ୍ରେସ ଓ ଭାଜପା କହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ୨୨ ତାରିଖ କୋରାପୁଟ ସହର ସମେତ ଜିଲାର ବିଭିନ୍ନ ବ୍ଲକରେ ବିଜେଡି ପୋଷ୍ଟର ମରାଯାଇଥିବା ଅଭିଯୋଗ ଆସିଥିଲା। ଏହାପରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହାକୁ ତୁରନ୍ତ କାଢ଼ିବା ପାଇଁ ପର୍ଯ୍ୟବେକ୍ଷକମାନଙ୍କୁ ନିର୍ଦ୍ଦେଶ ଦେବା ସହ ଏ ଦିଗରେ ଦୃଢ଼ ପଦକ୍ଷେପ ନିଆଯିବ। ଆବଶ୍ୟକ ପଡ଼ିଲେ ଜିଲାର ବିଭିନ୍ନ ଅଞ୍ଚଳରେ ଗଚ୍ଛିତ ଦଳୀୟ ପୋଷ୍ଟର ଜବତ କରାଯିବ ବୋଲି କହିଥିଲେ।

# ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ

ବୋରିଗୁମ୍ମା,୩୦।୩(ଡି.ଏନ୍.ଏ.)

ବୋରିଗୁମ୍ମାରେ ଭାରତୀୟ ଜନତା ପାର୍ଟିର ନୂତନ କାର୍ଯ୍ୟାଳୟ ଶନିବାର ଉଦ୍‌ଘାଟିତ ହୋଇଥିବା ବେଳେ ମିଶ୍ରଣ କାର୍ଯ୍ୟକ୍ରମରେ ବହୁ ଯୁବଗୋଷ୍ଠୀ ମହିଳା ଦଳରେ ସାମିଲ ହୋଇଛନ୍ତି। ସାଧାରଣ ନିର୍ବାଚନ ମାହୋଲ ଦିନକୁ ଦିନ ଉଷ୍ମ ହେଉଥିବା ବେଳେ ବିଜେଡି, କଂଗ୍ରେସ ଓ ଭାଜପା ପକ୍ଷରୁ ପ୍ରଚାର ଜୋରଦାର ହୋଇଛି। ଏହି ଅବସରରେ ସ୍ଥାନୀୟ କୋଟପାଡ଼ ରୋଡ୍ ଭୂଦାନ କଲୋନୀଠାରେ ଭାଜପାର କାର୍ଯ୍ୟାଳୟକୁ ବିଧାୟକ ପ୍ରାର୍ଥୀ ଗୌତମ ସାମନ୍ତରାୟ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବରିଷ୍ଠ ନାଗରିକ ଗେଷ୍ଟର ରାଓ, ସ୍ନେହଲତା ଗୌଡ଼, ଅପରାଜିତା ଖୋସଲା, ସଙ୍ଗୀତା ଗୌଡ଼, ମଧୁମିତା ହିଆଲଙ୍କ ନେତୃତ୍ୱରେ ମହିଳାମାନେ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ଚିତ୍ରକର ଗୋବର୍ଦ୍ଧନ ଭୂମିଆ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଜଗଦୀଶ ପ୍ରଧାନ, ଗୋପୀ ପଣ୍ଡା, ଜି. ଅନୀଲ କୁମାର, ବରୁଣ ରାଜ, ପଦ୍ମନ ଭୂମିଆ, ରୂପଧର ଅମନାତ୍ୟ, ବିଶ୍ୱନାଥ ଦାଶ ନିଜ ସମର୍ଥକଙ୍କ ସହ ଦଳରେ ସାମିଲ ହୋଇଥିଲେ।

# ଜୋର୍ ଧରିଲା କଂଗ୍ରେସର ନିର୍ବାଚନୀ ପ୍ରଚାର

ଦଶମନ୍ତପୁର,୩୦।୩(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମ୍ମା ପଞ୍ଚାୟତରେ ଶନିବାର କଂଗ୍ରେସ ନିର୍ବାଚନୀ ପ୍ରଚାର ଜୋରଦାର କରିଛି। ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ପ୍ରଚାର ପାଇଁ କଂଗ୍ରେସ ବିଧାୟକ ପ୍ରାର୍ଥୀ ଥିବା କୈଳାସ ଚନ୍ଦ୍ର କୁଲେସିକାଙ୍କ ସମେତ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ରୂପକ ତୁରୁକ, ଚିକାମ୍ବ ପଞ୍ଚାୟତ ସଭାତି ସୁବାସ ଖୋସ୍‌ଲା, ଉପସଭାପତି ହେମନ୍ତ ଖରା, ଦିଲିପ ବାଘଙ୍କ ସମେତ ପ୍ରତ୍ୟେକ ପଞ୍ଚାୟତର ସଭାପତି ଏବଂ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଛନ୍ତି। ପ୍ରଚାରରେ ସ୍ଥାନୀୟ ଗଉଡ଼ଗୁଡ଼ା ଛକରୁ ଅତିଥିଙ୍କୁ ସ୍ୱାଗତ କରାଯାଇ ବାଇକ୍ ଶୋଭାଯାତ୍ରାରେ ନିଆଯାଇଥିଲା। ଅନୁଷ୍ଠିତ ସଭାରେ ବିଧାୟକ ପ୍ରାର୍ଥୀ କୁଲେସିକା କହିଥିଲେ ଯେ ଜଟିଆଗୁଡ଼ା ସ୍ଥିତ ମୁରାନ ଡ୍ୟାମ୍ ପାଇଁ ସେ ଅନେକ ଉଦ୍ୟମ କରିଛନ୍ତି। ବିଧାୟକ ଭାବେ ଜିତିଲେ ସେ ଅଞ୍ଚଳ ପାଇଁ ନେଟୱର୍କ, ବିଜୁଳି, ରାସ୍ତା କରିବା ସହ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଗୁମ୍ମା ଓ ରୋହିଆମ୍ବ ଗସ୍ତ କରିଛନ୍ତି ପ୍ରାର୍ଥୀ ଓ ଦଳୀୟ କର୍ମୀ।



ଦଶମନ୍ତପୁର ଅଞ୍ଚଳରେ କଂଗ୍ରେସର ପ୍ରଚାର ସଭା।

# ଶେଷହେଲା ବିଭିନ୍ନ ଆଇନଜୀବୀ ସଂଘ ନିର୍ବାଚନ

## କୋଟପାଡ଼ରେ ମଣି ପଟ୍ଟନାୟକ ସଭାପତି

ଚାନ୍ଦିଲି(କୋଟପାଡ଼), ୩୦।୩(ଡି.ଏନ୍.ଏ.)

ନିର୍ବାଚନ ଅଧିକାରୀ ଜିତେନ୍ଦ୍ରନାଥ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କୋଟପାଡ଼ ଓକିଲ ସଂଘ ନିର୍ବାଚନରେ ସର୍ବସମ୍ମତି କ୍ରମେ ପୁନର୍ବାର ସଭାପତି ରୂପେ ମଣିପ୍ରସାଦ ପଟ୍ଟନାୟକ ମନୋନୀତ ହୋଇଛନ୍ତି। ସେହିପରି ଉପ ସଭାପତି ରୂପେ ସୁଧୀର ଚନ୍ଦ୍ର ମହାନ୍ତି, ସମ୍ପାଦକ ପାଇଁ ଗୁପ୍ତ କୈଳାସ ମହାନ୍ତି, ସହ ସମ୍ପାଦକ ରୂପେ ମୁକ୍ତେଶର ନାୟକ (ବାବୁଲି), କୋଷାଧ୍ୟକ୍ଷ ଭାବେ ଶଙ୍କର ପଣ୍ଡା, କାର୍ଯ୍ୟକାରୀ ସଦସ୍ୟ ଭାବେ କାମାକ୍ଷୀ ପ୍ରସାଦ ପାଢ଼ୀ, ରାମେଶ୍ୱର ଜେନା ଏବଂ ବିଦ୍ୟୁତଲତା ମୁଦୁଲିଙ୍କୁ ମନୋନୀତ କରାଯାଇଥିଲା । ସେହିପରି ଶୃଙ୍ଖଳା କମିଟି, ବିତ୍ତ କମିଟି ଏବଂ ମଙ୍ଗଳ ପାଣ୍ଠି କମିଟି ପାଇଁ କିଶୋର ଚନ୍ଦ୍ର ମିଶ୍ର, ଦୁର୍ଗା ପ୍ରସନ୍ନ ସାହୁ, ପ୍ରଦୀପ ବକ୍ସି, ସନ୍ତୋଷାନନ୍ଦ ହୋତା, ରାଜୁ ବକ୍ସି, ଉମାଶଙ୍କର ପଟ୍ଟନାୟକ, ହରିଶ୍ଚନ୍ଦ୍ର ପଟ୍ଟନାୟକ, ଅଜିତ ପଟ୍ଟନାୟକଙ୍କୁ ଚୟନ କରାଯାଇଥିଲା।

## ସରୋଜ ଦାଶ ସଭାପତି, ରବୀନ୍ଦ୍ର ପାତ୍ର ସମ୍ପାଦକ

ଜୟପୁର,୩୦।୩(ଡି.ଏନ୍.ଏ.)

ରାଜ୍ୟର ସମସ୍ତ ଆଇନଜୀବୀ ସଂଘର ଏକକାଳୀନ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ଜୟପୁରସ୍ଥିତ ଜିଲା ଆଇନଜୀବୀ ସଂଘ ପକ୍ଷରୁ ଅନୁଷ୍ଠିତ ନିର୍ବାଚନରେ କେବଳ ସଂପାଦକ ପଦ ପାଇଁ ଭୋଟ୍‌ଦାନ ହୋଇଥିଲା। ଏଥିରେ ରବୀନ୍ଦ୍ର ପାତ୍ର ୨୪୦ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ସୁଧୀର ପାଢୀଙ୍କୁ କେବଳ ୩୮ ଖଣ୍ଡ ଭୋଟ ମିଳିଥିଲା। ସେହିପରି ସଭାପତି ଭାବେ ସରୋଜ ଦାଶ, ଉପସଭାପତି ଶରତ ମାଝି, ସହ ସଂପାଦକ ଭାବେ ଗିରିଧର ଖରା, କୋଷାଧ୍ୟକ୍ଷ ଭାବେ ହରିଶ୍ଚନ୍ଦ୍ର ମୁଦୁଲି, କାର୍ଯ୍ୟକାରୀ ସଦସ୍ୟ ଭାବେ ଆନନ୍ଦ ରଥ, ରେଜିଆ ବେଗମ, ପ୍ରକାଶ ମଲ୍ଲିକ, ଡି. ଶେଷଗିରି ରାଓ, ପି. ଜଗଦୀଶ୍ୱର ରାଓ, କେ. ଦିବାକର ରାଓ, କେ. ଅରୁଣ ଆଚାରୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହୋଇଥିଲେ । ଆସନ୍ତା ସୋମବାର ସାଧାରଣ ପରିଷଦ ବୈଠକ ଏବଂ ବୁଧବାର ଶପଥ ଗ୍ରହଣ କରାଯିବ ବୋଲି ନିର୍ବାଚନ ଅଧିକାରୀ ଶଶାନନ୍ଦ ମିଶ୍ର ପ୍ରକାଶ କରିଛନ୍ତି । ସେହିପରି ନିର୍ବାଚନ ପରିଚାଳନା ପାଇଁ ନଚେନ୍ଦ୍ରନାଥ ନାୟକ, ରବୀନ୍ଦ୍ର ପଣ୍ଡା, ଦିନେଶ ନନ୍ଦ, ତ୍ରିନାଥ ସିଂହଲାଲ, ସୁଧାଂଶୁ ମିଶ୍ର, ରାଜେନ୍ଦ୍ର ସାନ୍ତ୍ରା, ପି. ଈଶ୍ୱର ରାଓ, ସୁନୀଲ ମହାନ୍ତି ଏବଂ ସୁଧୀର ତ୍ରିପାଠୀ ନିଯୁକ୍ତ ହୋଇଥିଲେ।

## ସୁଦର୍ଶନ ସଭାପତି, ସୁନୀଲ ସମ୍ପାଦକ

କୋରାପୁଟ,୩୦।୩(ସ୍ୱ.ପ୍ର.)

କୋରାପୁଟ ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ସମ୍ପାଦକ ଭାବେ ସୁନିଲ କୁମାର ଜେନା, ଉପସଭାପତି ଭାବେ ନମିତା ମହାନ୍ତି ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ବାର ଆସୋସିଏସନର ସଭାପତି ଭାବେ ସୁଦର୍ଶନ ଗୌଡ଼ ଓ କୋଷାଧ୍ୟକ୍ଷ ଭାବେ ଟି. ଗୋପୀନାଥ ମୂର୍ତ୍ତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଶନିବାର ବାର ଆସୋସିଏସନର ଉପସଭାପତି ଓ ସଂପାଦକ ପଦ ପାଇଁ ନିର୍ବାଚନ ହୋଇଥିବା ବେଳେ ନମିତା ମହାନ୍ତି ତାଙ୍କର ବିପକ୍ଷ ପ୍ରାର୍ଥୀ ମନୋରଞ୍ଜନ ନାୟକଙ୍କୁ ବିପୁଳ ଭୋଟରେ ପରାସ୍ତ କରି ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ । ସେହିପରି ସଂପାଦକ ପଦ ପାଇଁ ସୁନିଲ କୁମାର ଜେନା ବିପକ୍ଷ ପ୍ରାର୍ଥୀ ମନୋରଞ୍ଜନ ରାଉତରାୟଙ୍କୁ ୪୦ଟି ଭୋଟ୍‌ରେ ହରାଇଥିଲେ। ବରିଷ୍ଠ ଆଇନଜୀବୀ ଗୁପ୍ତେଶ୍ୱର ପାଣିଗ୍ରାହୀ ନିର୍ବାଚନ ପରିଚାଳନା କରିଥିଲେ ।

## ସୁରେଶ ଦାସ ସଭାପତି

ସେମିଳିଗୁଡ଼ା,୩୦।୩(ସ୍ୱ.ପ୍ର.)

ସେମିଳିଗୁଡ଼ା ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ନିର୍ବାଚନ ଅଧିକାରୀ ବସନ୍ତ କୁମାର ରଥଙ୍କ ପରିଚାଳନାରେ ହୋଇଥିବା ଏହି ନିର୍ବାଚନରେ ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ସୁରେଶ କୁମାର ଦାସ, ଉପସଭାପତି ଭାବେ ରମେଶ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଭାବେ ସୂର୍ଯ୍ୟନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ଭାବେ ସତ୍ୟବ୍ରତ ପଣ୍ଡା, କୋଷାଧ୍ୟକ୍ଷ ଭାବେ ଜେ. ପ୍ରସାଦ ନିର୍ବାଚିତ ହୋଇଥିଲେ।


କୋଟପାଡ଼ ଓକିଲ ସଂଘର ନିର୍ବାଚିତ କର୍ମକର୍ତ୍ତା।


ଜୟପୁରସ୍ଥିତ ଜିଲା ଆଇନଜୀବୀ ସଂଘର ନିର୍ବାଚିତ କର୍ମକର୍ତ୍ତା।


କୋରାପୁଟ ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା।


ସେମିଳିଗୁଡ଼ା ଓକିଲ ସଂଘର ନିର୍ବାଚିତ କର୍ମକର୍ତ୍ତା।










## ରମାଦେବୀ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ
# ଶ୍ରେଷ୍ଠ ସ୍ନାତକ ସୌରଞ୍ଜିତାଙ୍କୁ ସ୍ୱର୍ଣ୍ଣ ପଦକ

କୋରାପୁଟ,୩୦।୩ (ସ୍ୱ.ପ୍ର.)



କୋରାପୁଟର ଝିଅ ସୌରଞ୍ଜିତା ମାଝି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ବିଜ୍ଞାନରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶନିବାର ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋରାପୁଟର ସୌରଞ୍ଜିତାଙ୍କୁ ଶ୍ରେଷ୍ଠ ସ୍ନାତକ ଭାବେ ସ୍ୱର୍ଣ୍ଣପଦକ ଓ ମାନପତ୍ର ପ୍ରଦାନ କରିଛନ୍ତି। ସୌରଞ୍ଜିତାଙ୍କ ବାପା ପି. ସୁରେଶ କୁମାର ମାଝି କୋରାପୁଟ ଗ୍ରାମ୍ୟ ଜଳ ଯୋଗାଣ ବିଭାଗରେ କାର୍ଯ୍ୟ କରୁଛନ୍ତି। କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟରୁ ଯୁକ୍ତ ଦୁଇ ବିଜ୍ଞାନ ପରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନରେ ସୌରଞ୍ଜିତା ୨୦୧୮ରେ ସର୍ବାଧିକ ନମ୍ବର ରଖି ଟପ୍ପର ହୋଇଥିଲେ। ଏହାର ଶ୍ରେୟ ବାପାମାଆଙ୍କ ପ୍ରେରଣା, ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକଙ୍କ ଶିକ୍ଷାଦାନ ଓ ମୋର କଠିନ ପରିଶ୍ରମ ଯୋଗୁଁ ସମ୍ଭବ ହୋଇଛି ବୋଲି କହିଛନ୍ତି।

# ସୁସ୍ଥ ହେଲେ ଗୁଳିମାଡ଼ର ଶିକାର ନାବାଳିକା, ଯୁବକ

ଜୟପୁର,୩୦।୩(ଡି.ଏନ୍.ଏ.)

ଜୟପୁର ସହରରେ ଗତ ୨୨ ତାରିଖ ଗୁଳି ବାଜି ଗୁରୁତର ହୋଇଥିବା ନାବାଳିକା ଏବଂ ଯୁବକଙ୍କୁ କଟକ ବଡ଼ ମେଡିକାଲରେ ଅସ୍ତ୍ରୋପଚାର କରାଯିବା ପରେ ସେମାନେ ସୁସ୍ଥ ହୋଇଛନ୍ତି । କିଆବନ୍ଧ ସାହିର କେ. ନକ୍ଷେତ୍ରା (୧୨)ଙ୍କ ପିଠିରେ ଗୁଳି ବାଜିଥିବା ବେଳେ ତାଙ୍କର ଅସ୍ତ୍ରୋପଚାର ସହ ଅଧିକ ୬ ବୋତଲ ରକ୍ତ ଦିଆଯାଇଥିଲା । ଶନିବାର କଟକ ତାଙ୍କୁ ଡିସଚାର୍ଜ କରାଯାଇଛି । ରବିବାର କିମ୍ବା ସୋମବାର ସେ ଗାଁକୁ ଫେରିବେ। ସେହିପରି ଦୁଇସାହିର ଯୁବ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ବେଳେ ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ଫାଙ୍କା ଗୁଳି ଚଳାଇଥିଲା। ସେହି ସମୟରେ ଢେପଗୁଡାର ହେମନ୍ତ ଧାନଫୁଲ (୧୮)ଙ୍କ କାନ୍ଧରେ ଗୁଳି ବାଜିଥିଲା। ତାଙ୍କୁ କଟକ ସ୍ଥାନାନ୍ତର ପରେ ସେଠାରେ ଅସ୍ତ୍ରୋପଚାର ସହ ଗୁଳି ବାହାର କରାଯାଇଛି। ତାଙ୍କ ଅବସ୍ଥା ମଧ୍ୟ ସୁସ୍ଥ ରହିଛି ।










